# ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ-ତଥା-ତହସିଲଦାରଙ୍କ କାର୍ଯ୍ୟାଳୟ,

## ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ

Email ID: tah_khallikote@yahoo.in


---

ପତ୍ର ସଂଖ୍ୟା ୯୯୧୧/ ତାରିଖ ୦୩/୧୧/୨୦୨୫

## ନୋଟିସ

ଏତ ଦ୍ୱାରା ସମଲନାସି ମୌଜାର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଖଲ୍ଲିକୋଟ ତହସିଲ ଅଧୀନରେ ଥିବା କେଶପୁର ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ସମଲନାସି ଗ୍ରାମରେ ପ୍ରସ୍ତାବିତ ଘରୋଇ ଜମିରେ ଲ୍ୟାଣ୍ଡ ବ୍ୟାଙ୍କ ଯୋଜନା ଅନ୍ତର୍ଗତ ପର୍ଯ୍ୟଟନ କ୍ଷେତ୍ର ନିର୍ମାଣ ନିମନ୍ତେ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ଉପରେ ଏକ ଜନଶୁଣାଣୀ ଶିବିର ଆସନ୍ତା ତା: ୨୮.୧୧.୨୦୨୫ ରିଖ ଦିବା ୧୧:୦୦ ଘଟିକା ସମୟରେ ସମଲନାସି ଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଅନୁଷ୍ଠିତ ହେବ ।

ତେଣୁ, ଏଥି ସମ୍ବନ୍ଧେ ଆପଣମାନେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ଉକ୍ତ ଜନଶୁଣାଣୀ ଶିବିର କାର୍ଯ୍ୟରେ ଭାଗନେବା ସହ ସୁଚିନ୍ତିତ ମତାମତ ତଥା ଆପତ୍ତି ଅଭିଯୋଗ ପ୍ରଦାନ କରିବା ପାଇଁ ଅନୁରୋଧ । ଏଥି ସମ୍ବନ୍ଧେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ନୋଟିସ ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଲିଖିତ ଭାବେ ଟଙ୍କା ୨୦ (କୋଡିଏ) ମାତ୍ର କୋର୍ଟ ଫି ଲଗାଇ ଜଣାଇବେ । ମିଆଦ ଗତେ କାହାର କିଛି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

(ସ୍ୱାକ୍ଷର) ୦୩-୧୧-୨୫

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ-ତଥା-
ତହସିଲଦାର, ଖଲ୍ଲିକୋଟ

ପରିପତ୍ର ସଂଖ୍ୟା ୯୯୧୨/ ତାରିଖ ୦୩/୧୧/୨୦୨୫

ଏହି ନୋଟିସ ସହ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, କେଶପୁର ଙ୍କୁ ଉକ୍ତ ଗ୍ରାମରେ ଜାରି କରିବା ପାଇଁ ଓ ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ, ଖଲିକୋଟ ଙ୍କ ଅବଗତି ନିମନ୍ତେ ଉକ୍ତ କାର୍ଯ୍ୟାଳୟର ନୋଟିସ ଫଳକରେ ପ୍ରଚାର ପାଇଁ ପ୍ରେରଣ କରାଗଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତହସିଲ କାର୍ଯ୍ୟାଳୟ/ ଗୋଷ୍ଠି ଉନ୍ନୟନ ଅଧିକାରୀ ଖଲ୍ଲିକୋଟଙ୍କ ଅବଗତି ନିମନ୍ତେ ନୋଟିସ ଫଳକରେ ପ୍ରଚାର ପାଇଁ ପ୍ରେରଣ କରାଗଲା ।

(ସ୍ୱାକ୍ଷର) ୦୩-୧୧-୨୫

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ-ତଥା-
ତହସିଲଦାର, ଖଲ୍ଲିକୋଟ

ପରିପତ୍ର ସଂଖ୍ୟା ୮୮୧୩..../ ତାରିଖ ୧୩/୧୧/୨୦୨୫

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ର ଏକକିତା ନକଲ ସରପଞ୍ଚ, କନକା ଗ୍ରାମପଞ୍ଚାୟତଙ୍କୁ ଉକ୍ତ କାର୍ଯ୍ୟାଳୟର ନୋଟିସ ଫଳକରେ ପ୍ରଚାର ପାଇଁ ଜାରି କରାଗଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ର ଏକକିତା ନକଲ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ଓ ସମିତି ସଭ୍ୟ/ ସଭ୍ୟା, କନକା ଗ୍ରାମପଞ୍ଚାୟତଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ର ଏକକିତା ନକଲ ଜିଲ୍ଲା ପରିଷଦ ସଭ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ-ତଥା-
ତହସିଲଦାର, ଖଲ୍ଲିକୋଟ

ପରିପତ୍ର ସଂଖ୍ୟା ୮୮୧୪......./ ତାରିଖ ୧୩/୧୧/୨୦୨୫

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ର ଏକକିତା ନକଲ DIO, NIC, ଗଞ୍ଜାମ, ଛତ୍ରପୁରଙ୍କ ଅବଗତି ନିମନ୍ତେ ଓ District Website ମାଧ୍ୟମରେ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ-ତଥା-
ତହସିଲଦାର, ଖଲ୍ଲିକୋଟ

ପରିପତ୍ର ସଂଖ୍ୟା ୮୮୧୫..../ ତାରିଖ ୧୩/୧୧/୨୦୨୫

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ରିପୋର୍ଟ ର ଏକକିତା ନକଲ ବହୁଳ ପ୍ରଚାର ନିମନ୍ତେ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର/ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ),ଗଞ୍ଜାମ, ଛତ୍ରପୁର/ ଉପ-ଜିଲ୍ଲାପାଳ, ଛତ୍ରପୁର/Coordinator, State SIA Unit, Nabakrushna Choudhury Center for Development Studies, ଭୁବନେଶ୍ୱର, ଓଡ଼ିଶା /Land Acquisition Officer, Collectorate, ଗଞ୍ଜାମ, ଛତ୍ରପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ-ତଥା-
ତହସିଲଦାର, ଖଲ୍ଲିକୋଟ